# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**30 March - 2025**

**News Editor : Tapan Kumar Moharana**

*********************************

## ମୁଖ୍ୟ ସମ୍ବାଦ

- ବୟନଶିଳ୍ପ ବର୍ଜ୍ୟବସ୍ତୁ ପରିଚାଳନା ବର୍ତ୍ତମାନ ସମୟର ଚିନ୍ତାର କାରଣ ପାଲଟିଛି; କହିଲେ, ପ୍ରଧାନମନ୍ତ୍ରୀ

— ଜଳ ସଂରକ୍ଷଣ କ୍ଷେତ୍ରରେ ସରକାର ନେଇଥିବା ପଦକ୍ଷେପ ଯୋଗୁଁ ୧୧ ବିଲିୟନ୍ ଘନମିଟରରୁ ଅଧିକ ଜଳ ସଂରକ୍ଷଣ କରାଯାଇପାରିଛି

- ଭବାନୀପାଟଣାଠାରେ ରାଜ୍ୟସ୍ତରୀୟ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

- ବାଙ୍ଗାଲୋର-କାମାକ୍ଷା ଏକ୍ସପ୍ରେସ୍ କଟକ ନିର୍ଗୁଣ୍ଡିଠାରେ ଲାଇନ୍‌ଚ୍ୟୁତ ହେବା ଯୋଗୁଁ ଜଣେ ମୃତ, ୭ ଆହତ

ଏବଂ

- ଅସମାନତାକୁ ଦୂରକରି ଏକ ଉଚିତ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱାରୋପ କଲେ ରାଜ୍ୟପାଳ

# ମନ୍ କୀ ବାତ୍

ବୟନଶିଳ୍ପ ବର୍ଜ୍ୟବସ୍ତୁର ପରିଚାଳନା ବର୍ତ୍ତମାନ ସମୟର ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆଜି ଦେଶବାସୀଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି କେବଳ ଏକ ପ୍ରତିଶତରୁ କମ୍ ବୟନଶିଳ୍ପ ବର୍ଜ୍ୟବସ୍ତୁକୁ ନୂତନ ପୋଷାକ ପ୍ରସ୍ତୁତିରେ ପୁନଃ ବ୍ୟବହାର କରାଯାଏ । ଭାରତ ହେଉଛି ବିଶ୍ୱର ତୃତୀୟ ଦେଶ, ଯେଉଁଠାରେ ସର୍ବାଧିକ ବୟନ ବର୍ଜ୍ୟବସ୍ତୁ ଉତ୍ପନ୍ନ ହୋଇଥାଏ । ପୁରୁଣା ପୋଷାକ ତ୍ୟାଗ କରି ନୂତନ ପୋଷାକ କିଣିବାର ଧାରା ଏବେ ବୃଦ୍ଧି ପାଉଛି । ଏହି କାରଣରୁ ବୟନ ବର୍ଜ୍ୟବସ୍ତୁର ପରିମାଣ ମଧ୍ୟ ଯଥେଷ୍ଟ ବୃଦ୍ଧି ପାଉଛି ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ସମ୍ବୋଧନରେ କହିଛନ୍ତି । ଏହାର ମୁକାବିଲା ପାଇଁ ଭାରତରେ ଅନେକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରାଯାଇଛି । ଭାରତୀୟ ଷ୍ଟାର୍ଟଅପ୍ କମ୍ପାନୀ ଗୁଡ଼ିକ ବୟନଶିଳ୍ପ ବର୍ଜ୍ୟବସ୍ତୁର ପୁନଃ ବ୍ୟବହାର ଉପରେ କାର୍ଯ୍ୟ କରୁଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ପୁରୁଣା ପୋଷାକ ଏବଂ ଜୋତାକୁ ପୁନଃ ବ୍ୟବହାରଯୋଗ୍ୟ କାର୍ଯ୍ୟରେ ଲଗାଯାଉଛି ଏବଂ ଅଭାବୀ ଲୋକଙ୍କୁ ଏହାକୁ ବଣ୍ଟନ ମଧ୍ୟ କରାଯାଉଛି । ବୟନଶିଳ୍ପ ବର୍ଜ୍ୟବସ୍ତୁରୁ ସାଜସଜା ସରଞ୍ଜାମ, ହାତ ବ୍ୟାଗ୍, ଖେଳନା ଭଳି ଅନେକ ସାମଗ୍ରୀ ପ୍ରସ୍ତୁତ କରାଯାଉଛି ।

ଜଳ ସଂରକ୍ଷଣ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଗ୍ରୀଷ୍ମଋତୁ ଆସିବା ସଙ୍ଗେ ସଙ୍ଗେ ବିଭିନ୍ନ ସ୍ଥାନରେ ଜଳ ସଂରକ୍ଷଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ । ଦେଶରେ ହଜାର ହଜାର କୃତ୍ରିମ ପୋଖରୀ, ଚେକ୍‌ଡ୍ୟାମ, ନଳକୂପ ଆଦି ନିର୍ମାଣ କରାଯାଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ଚଳିତବର୍ଷର 'କ୍ୟାଚ୍ ଦି ରେନ୍' ଅଭିଯାନ ପାଇଁ ପ୍ରସ୍ତୁତି ଚାଲିଛି । ଜଳ ସଂରକ୍ଷଣ କ୍ଷେତ୍ରରେ ଜନଭାଗିଦାରିତା ବୃଦ୍ଧି ନେଇ ପ୍ରୟାସ ଜାରି ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଗତ ୮ ବର୍ଷ ମଧ୍ୟରେ ଜଳ ସଂରକ୍ଷଣ କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ଯୋଗୁଁ ୧୧ବିଲିୟନ ଘନମିଟରରୁ ଅଧିକ ଜଳ ସଂରକ୍ଷିତ କରାଯାଇ ପାରିଛି।

ଗ୍ରୀଷ୍ମ ଛୁଟିରେ ଗଠନମୂଳକ କାର୍ଯ୍ୟରେ ନିୟୋଜିତ ହେବାକୁ ଛାତ୍ରଛାତ୍ରୀଙ୍କୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଦକ୍ଷତାବୃଦ୍ଧି କ୍ଷେତ୍ରରେ ଏହା ବିଶେଷ ସହାୟକ ହୋଇଥାଏ । ବର୍ତ୍ତମାନ ସମୟରେ ପିଲାଙ୍କର ଶିଖିବା ପାଇଁ ବିଭିନ୍ନ କ୍ଷେତ୍ର ଉନ୍ମୁକ୍ତ ରହିଛି।

ଗ୍ରୀଷ୍ମ ଛୁଟି ପାଇଁ ମାଇଁ ଭାରତ ସ୍ୱତନ୍ତ୍ର କ୍ୟାଲେଣ୍ଡର ସମ୍ପର୍କରେ ଶ୍ରୀ ମୋଦୀ କହିଛନ୍ତି, ଏହି କ୍ୟାଲେଣ୍ଡର ମାଧ୍ୟମରେ ଗ୍ରହଣ କରାଯାଇଥିବା ପ୍ରୟାସଗୁଡ଼ିକ ଉପରେ ଧ୍ୟାନ ଦିଆଯାଇଛି।

ସୁସ୍ଥ ଜୀବନଶୈଳୀ ପାଇଁ ଯୋଗର ଆବଶ୍ୟକତା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଆନ୍ତର୍ଜାତିକ ଯୋଗ ଦିବସର ଅବଗଣନା ୧୦୦ ଦିନରୁ କମ୍ ରହିଛି । ଯୋଗକୁ ଦୈନନ୍ଦିନ ଜୀବନରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି ।

# V/O (Yoga)

ଖେଲୋ ଇଣ୍ଡିଆ ପାରା ଗେମ୍ସ ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କ୍ରୀଡ଼ାବିତ୍‌ଙ୍କ ନିଷ୍ଠା ଓ ପ୍ରତିଭାକୁ ପ୍ରଶଂସା କରିଛନ୍ତି । ଏଥିରେ ଅଂଶଗ୍ରହଣ କରିଥିବା ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ହରିୟାଣା, ତାମିଲନାଡୁ ଏବଂ ଉତ୍ତରପ୍ରଦେଶ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବାରୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ପ୍ରତିଯୋଗିତାରେ ୧୮ଟି ଜାତୀୟ ରେକର୍ଡ ସ୍ଥାପନ ହୋଇଥିବାବେଳେ ସେଥିରୁ ୧୨ଟି ମହିଳା ଖେଳାଳିଙ୍କ ଦ୍ୱାରା ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଦିଲ୍ଲୀରେ ଆୟୋଜିତ ହୋଇଥିବା ଫିଟ୍ ଇଣ୍ଡିଆ ସମ୍ମିଳନୀ ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ବିଭିନ୍ନ କ୍ଷେତ୍ରରୁ ପ୍ରାୟ ୨୫ ହଜାର ଲୋକ ଏଥିରେ ଅଂଶଗ୍ରହଣ କରିଥିଲେ । ନିଜ ଅଞ୍ଚଳରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

ଆଜିଠୁ ଆରମ୍ଭ ହୋଇଥିବା ଚୈତ୍ର ନବରାତ୍ରି ଅବସରରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେହିଭଳି ଦେଶର ବିଭିନ୍ନ ପ୍ରାନ୍ତରେ ପାଳନ କରାଯାଉଥିବା ଭିନ୍ନ ଭିନ୍ନ ଲୋକପର୍ବ ପାଳନ ନେଇ ପ୍ରଧାନମନ୍ତ୍ରୀ ସଂପୃକ୍ତ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ପର୍ବଗୁଡ଼ିକ ଭାରତର ବିବିଧତା ମଧ୍ୟରେ ଏକତାକୁ ପ୍ରତିପାଦନ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (**Festival**)**

# ଅନ୍ତ୍ୟୋଦୟ ଗୃହ ଯୋଜନା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭବାନୀପାଟଣାରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏଥିରେ ଆସନ୍ତା ୩ ବର୍ଷରେ ୭ ହଜାର ୫୫୦ କୋଟି ଟଙ୍କା ବିନିଯୋଗ କରାଯିବ ବୋଲି ଜଣାପଡିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଯୋଗ୍ୟ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଦିବ୍ୟାଙ୍ଗ, ବିଧବା, କର୍କଟ ରୋଗାକ୍ରାନ୍ତ ବ୍ୟକ୍ତି, ସହିଦଙ୍କ ପରିବାର ଓ ପଦ୍ମଶ୍ରୀ ପାଇଥିବା ବ୍ୟକ୍ତି, ଘରପୋଡି, ହାତୀ ଉପଦ୍ରବ ତଥା ବନ୍ୟା ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟରେ ପ୍ରଭାବିତ ହୋଇଥିବା ପରିବାରକୁ ଅଗ୍ରାଧିକାର ଭିତ୍ତିରେ ଚିହ୍ନଟ କରି ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ କରି ପକ୍କା ଘର ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ବର୍ତ୍ତମାନସୁଦ୍ଧା ରାଜ୍ୟରେ ୨୩ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦିଆଯାଇଛି।

**-V/O-** (CM)

ବିଭିନ୍ନ ଜିଲ୍ଲାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। **ନୂଆପଡା** ଜିଲ୍ଲାର ୫ଟି ବ୍ଲକ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଅଧୀରାଜ ପାଣିଗ୍ରାହୀ ଓ ବ୍ଲକ୍ ଅଧ୍ୟକ୍ଷା ପ୍ରମୁଖ ଯୋଗ ଦେଇଥିଲେ।

**ବୌଦ୍ଧ**ରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ ।

**ଢେଙ୍କାନାଳ**ନରେ ଆୟୋଜିତ କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ୧ ହଜାର ୭୭୫ ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିବା ଜଣାପଡିଛି ।

**ଗଞ୍ଜାମ** ଛତ୍ରପୁରସ୍ଥିତ ଅନ୍‌ସ୍ଲୋ ଖେଳପଡିଆରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ୪ ହଜାର ୫୪ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି ।

**ନବରଙ୍ଗପୁର**ରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଏବଂ ବିଧାୟକ ଗୌରୀଶଙ୍କର ମାଝୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ୨ ହଜାର ୬୨ ଜଣଙ୍କୁ ଅନ୍ତ୍ୟୋଦୟ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ ।

## ଟ୍ରେନ୍ ଗତିପଥ ପରିବର୍ତ୍ତନ

ବାଙ୍ଗାଲୋରରୁ କାମାକ୍ଷା ଯାଉଥିବା ୧୨୫୫୧ ସୁପର ଫାଷ୍ଟ ଏକ୍ସପ୍ରେସ୍ ଟ୍ରେନ୍‌ର ଆଜି ପ୍ରାୟ ୧୨ ଟା ସମୟରେ କଟକ ନିର୍ଗୁଣ୍ଡି ରେଳ ସେକ୍ସନରେ ୧୧ଟି ବଗି ଲାଇନ୍‌ଚ୍ୟୁତ ହୋଇଛି । ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୭ ଜଣ ଆହତ ହୋଇଥିବା ନେଇ ଆମ ସମ୍ବାଦଦାତା ଜଣାଇଛନ୍ତି । ଏହି ରାସ୍ତାରେ ଯାତାୟତ କରୁଥିବା ୩ଟି ଟ୍ରେନ୍ ଧଉଳି,

ପୁରୁଲିଆ ଏବଂ ନିଳାଚଳ ଏକ୍ସପ୍ରେସ୍‌ର ଗତିପଥ ପରିବର୍ତ୍ତନ କରାଯାଇଛି। ଟ୍ରେନ୍ ଦୁର୍ଘଟଣା ବିଷୟରେ ଅଧିକ ଜାଣିବା ପାଇଁ ରେଳବାଇ ପକ୍ଷରୁ ହେଲ୍ପଲାଇନ୍ ଜାରି କରାଯାଇଛି। ଭୁବନେଶ୍ୱର ଷ୍ଟେସନ୍ ହେଲ୍ପଲାଇନ୍ ନମ୍ବର ହେଉଛି - ୮୪୫୫୮୮୫୯୯ ଓ କଟକ ହେଲ୍ପଲାଇନ୍ ନମ୍ବର ହେଉଛି - ୮୯୯୧୧୨୪୨୩୮।

## ରାଜ୍ୟପାଳ

ଅସମାନତାକୁ ଦୂର କରି ଏକ ଉଚିତ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବା ପାଇଁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି ଆହ୍ୱାନ ଦେଇଛନ୍ତି। ଭୁବନେଶ୍ୱର ଲୋକସେବା ଭବନଠାରେ ଆୟୋଜିତ ଓଡ଼ିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ପ୍ରତିଷ୍ଠା ଦିବସ ପାଳନ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଛନ୍ତି, ସହରାଞ୍ଚଳଠାରୁ ଆରମ୍ଭ କରି ଦୂରଦୂରାନ୍ତ ଗ୍ରାମଗୁଡ଼ିକ ପର୍ଯ୍ୟନ୍ତ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବାର ଆବଶ୍ୟକତା ରହିଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍କର୍ଷତା ଦ୍ୱାରା ବିକଶିତ ଓଡ଼ିଶା ଗଠନ ପାଇଁ ସରକାର କାର୍ଯ୍ୟ କରୁଛନ୍ତି। ଡାକ୍ତରୀ ପଢୁଥିବା ଛାତ୍ରଛାତ୍ରୀ ଏବଂ ସ୍ୱାସ୍ଥ୍ୟସେବାର ଜଡିତ ବ୍ୟକ୍ତିବିଶେଷଙ୍କୁ ସମାଜସେବାରେ ସେମାନଙ୍କର ସର୍ବୋତ୍ତମ ଯୋଗଦାନ ଦେବାକୁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି।

## ରାଷ୍ଟ୍ରୀୟ ନବବର୍ଷ

ରାଷ୍ଟ୍ରୀୟ ନବବର୍ଷ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀ ରାଜ୍ୟ ତଥା ଦେଶର

ସମୃଦ୍ଧି ସହ ସମସ୍ତଙ୍କ ମଂଗଳମୟ ଜୀବନ କାମନା କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ନୂତନ ଶକ୍ତି, ଅସୀମ ସୁଯୋଗ ଏବଂ ଅତୁଳନୀୟ ସଫଳତା କାମନା କରିଛନ୍ତି।

## ବାସନ୍ତୀକ ନବରାତ୍ରୀ

**ଗଞ୍ଜାମ** ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ଶକ୍ତିପୀଠରେ ଗତରାତିରୁ ମା'ଙ୍କ ବାସନ୍ତୀକ ନବରାତ୍ରୀ ତଥା ଦୁର୍ଗାପୂଜା ଆରମ୍ଭ ହୋଇଛି। ଚୈତ୍ର ଶୁକ୍ଳ ପ୍ରତିପଦାରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ନବମୀ ପର୍ଯ୍ୟନ୍ତ ଚାଲିବ। ଏଥିରେ ପ୍ରତ୍ୟେକ ଦିନ ଦୁଇଥର ଯଜ୍ଞ ଓ ଚଣ୍ଡୀପାଠ ସହ ବିଭିନ୍ନ ସ୍ୱତନ୍ତ୍ର ପୂଜାର୍ଚ୍ଚନାର ଆୟୋଜନ କରାଯିବାର ପରମ୍ପରା ରହିଛି। ସେହିପରି ମହାଷ୍ଟମୀ ତଥା ଅଶୋକାଷ୍ଟମୀରେ ସ୍ୱତନ୍ତ୍ର ରୀତିନୀତି ସହ ମହାଦୀପ ଉଠିବ ବୋଲି ଜଣାପଡିଛି। ଏହି ସମୟରେ ୯ ଦିନ ପାଇଁ ଶ୍ରଦ୍ଧାଳୁମାନେ ପୀଠରେ ନିଷ୍ଠାରେ ପୂଜାପାଠ କରିବାର ପରମ୍ପରା ରହିଛି।

## ଦୁର୍ଘଟଣା

**ନୂଆପଡା** ଜିଲ୍ଲା କୋମନା ବ୍ଲକ୍ ଅନ୍ତର୍ଗତ ସୁନାବେଡା ଅଭୟାରଣ୍ୟ ଜୁନାପନୀ ଗ୍ରାମରେ ବାଲି ବୋଝେଇ ଟ୍ରାକ୍ଟର ଓଲଟି ଦୁଇଜଣଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ଭାରସାମ୍ୟ ହରାଇବାରୁ ବାଲି ବୋଝେଇ ଟ୍ରାକ୍ଟରଟି ଉଭୟଙ୍କ ଉପରେ ଓଲଟି ପଡିଥିଲା। ସେମାନଙ୍କୁ ଗୁରୁତର

ଅବସ୍ଥାରେ ନୂଆପଡା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା ।

ଅନ୍ୟପକ୍ଷରେ **ନୂଆପଡା** ଜିଲ୍ଲାର ମହାତ୍ମା ଗାନ୍ଧୀ ବିଜ୍ଞାନ କଲେଜ୍‌ର ଛାତ୍ରଛାତ୍ରୀନଙ୍କୁ ନେଇ ଗ୍ରୀଷ୍ମକାଳୀନ ଶିକ୍ଷାଗ୍ରହଣ ପାଇଁ ଯାଉଥିବା ବସ୍‌ଟି ଭାରସାମ୍ୟ ହରାଇ ଓଲଟି ପଡିବାରୁ ବସ୍ ଚାଳକ ଓ ଜଣେ ଅଧ୍ୟାପକ ଗୁରୁତର ଆହତ ହୋଇଛନ୍ତି । ଉଭୟଙ୍କୁ ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି ।

*********************************